# ଶ୍ରୀ ପ୍ରଣାଳୀରେ ମାଣ୍ଡିଆ ଚାଷ



**ପ୍ରକାଶକ:**

ୱାର୍ଡ (WORD)
କେନ୍ଦୁଝର

**ସହାୟତା:**

JAMSETJITATA TRUST

# ଶ୍ରୀ ପ୍ରଣାଳୀରେ ମାଣ୍ଡିଆ ଚାଷ



ମାଣ୍ଡିଆ ଏକ କ୍ଷୁଦ୍ର ଶସ୍ୟ ଅଟେ । ଏଥିରେ ଅଧିକ ପରିମାଣରେ ପୃଷ୍ଟିକର ଉପାଦାନ ରହିଛି । ଏହି କ୍ଷୁଦ୍ର ଶସ୍ୟ ଖାଇବା ଦ୍ୱାରା ଶକ୍ତି ବୃଦ୍ଧି ଘଟେ, ମୋଟାପଣ ଦୂର ହୁଏ, ମଧୁମେହ ରୋଗ ହ୍ରାସ ହୁଏ, ଦୁର୍ବଳତା ଦୂର ହୁଏ, ରକ୍ତରେ କୋଲେଷ୍ଟ୍ରାଲ ଭଳି କ୍ଷତିକାରକ ପଦାର୍ଥର ପରିମାଣ କମେ ଏବଂ ଦେହ ଭଲ ହୋଇଥାଏ ।

ସାଧାରଣତଃ ଅନୁସୃତ ହେଉଥିବା ମାଣ୍ଡିଆ ଚାଷ ପଦ୍ଧତି ଏବଂ "ଶ୍ରୀ" ଚାଷ ପଦ୍ଧତିର ସମନ୍ୱୟରେ ସଘନ ମାଣ୍ଡିଆ ଚାଷ ପଦ୍ଧତି ବିକଶିତ କରାଯାଇଛି । କୃଷକମାନଙ୍କ ଠାରେ ଥିବା ନିଜସ୍ୱ କିମ୍ବା ସ୍ଥାନୀୟ ବିହନ ବ୍ୟବହାର କରି ନିମ୍ନଲିଖିତ ଚାଷ ପଦ୍ଧତିରେ ଚାଷ କରି ଚାଷୀ ସଫଳତା ପାଇପାରିବ ।

## ମୃତ୍ତିକା ଚୟନ :-

ଅଧିକ ଜୈବିକ ପଦାର୍ଥ ଥିବା ହାଲୁକା ନିଗିଡ଼ା, ନାଲି ଦୋରସା କିମ୍ବା ବାଲିଆ-ଦୋରସା ମାଟିରେ ଏହା ଉତ୍ତମ ଭାବେ ଚାଷ କରାଯାଇପାରେ । ଜୈବସାରରେ ସମୃଦ୍ଧ ମାଟିରେ ମାଣ୍ଡିଆ ଫସଲ ଚାଷ କରାଯାଇପାରେ ଏବଂ ଏହା ଠିଆ ପାଣି ସହିପାରେନାହିଁ । କିନ୍ତୁ ଚିକିଟା ମାଟିରେ ମାଣ୍ଡିଆ ଚାଷ ନକଲେ ଭଲ ।

## ବିହନ ନିର୍ବାଚନ, ଉପଚାର ଏବଂ ବିଶୋଧନ :-

ବିଳମ୍ବରେ ବର୍ଷା ଆରମ୍ଭ ହେଉଥିବା ସମୟରେ କମ୍ ଦିନିଆ ବିହନ କିସମ ଚୟନ କରନ୍ତୁ । ଅନୁର୍ବର ମାଟିରେ ସହଳ

କିସମ ବିହନ ବ୍ୟବହାର କରନ୍ତୁ । ପ୍ରଚଳିତ ଚାଷ ପଦ୍ଧତିରେ ମାଣ୍ଡିଆ ଚାଷ ପାଇଁ ଏକର ପ୍ରତି ୪ ରୁ ୫ କିଲୋଗ୍ରାମ୍ ବିହନ ଆବଶ୍ୟକ ହେଉଥିବାବେଳେ "ଶ୍ରୀ" ପଦ୍ଧତିରେ ଏକର ପ୍ରତି ୨୫୦ ରୁ ୩୦୦ ଗ୍ରାମ୍ ବିହନ ଆବଶ୍ୟକ ହୋଇଥାଏ ।

| କିସମର ନାମ | ଅମଳ ସମୟ(ଦିନ) | ବିଶେଷ ଗୁଣ |
|---|---|---|
| | (ସହଜ କିସମ) | |
| ଦିବ୍ୟ ସିଂହ | ୮୫-୯୦(ବର୍ଷାଦିନ)<br>୯୦-୧୦୦(ଶୀତଦିନ) | ୪-୫ଟି ପିଲ, କାଣ୍ଡ ଦିନ୍ଧା ଓ ମହିଷା ରୋଗ ନିରୋଧକ, ଦାନା ନାରଙ୍ଗୀ |
| ଚମ୍ପାବତୀ | ୯୦-୯୫ | ଧୂସର ରଙ୍ଗ ଦାନା |
| ଏ.କେ.ପି-୨ | ୮୫-୯୦ | ଅଧିକ ପିଲ ଦିଏ, ଦାନା ନାରଙ୍ଗି |
| | ବିଳମ୍ବ କିସମ | |
| ଶାରଦା | ୧୦୦-୧୦୫ | ୪-୫ଟି ପିଲ, ଦାନା ନାରଙ୍ଗି |
| ଶୋଦାଦରୀ | ୧୦୦-୧୨୦ | ୪-୫ଟି ପିଲ, ଦାନା କମଳା ନାରଙ୍ଗି |
| ତିଲିକା | ୧୦୦-୧୧୫ | ଅଧିକ ଅମଳ-କ୍ଷମ, ଦାନା ଧୂସର |
| ଶୁଭ୍ରା | ୧୦୦-୧୦୫ | ଦାନା ଧଳା, ମହିଷା ରୋଗ ସହଣୀ |
| ଭୈରବୀ | ୧୦୫-୧୦୦ | ଦାନା ଧୂସର, ମହିଷା ରୋଗ ସହଣି |

## ବିହନ ବିଶୋଧନ :-

ପ୍ରଥମେ ଅଗାଡ଼ି ବିହନକୁ ବାହାର କରିଦିଅନ୍ତୁ । ଏହାପରେ ୧୦ ପ୍ରତିଶତ ଗୋମୂତ୍ର ମିଶ୍ରିତ ଜଳ (୧:୧୦ ଅନୁପାତ) ଦ୍ରବଣରେ ୮ ଘଣ୍ଟା ବିହନକୁ ଭିଜାଇ ତାହାକୁ ଛାଣି ୨୪ ଘଣ୍ଟା ପର୍ଯ୍ୟନ୍ତ ଓଦା ଅଖାରେ ରଖି ଉଷ୍ମତା ପ୍ରଦାନ କରନ୍ତୁ । ଗୋମୂତ୍ର ବଦଳରେ ୧:୨୦ ଅନୁପାତରେ ଔଷଧୀୟ ହାଣ୍ଡିଖତ ଦ୍ରବଣରେ ବିହନ ବୁଡ଼ାଇ ରଖିବା ଦ୍ୱାରା ଉଭୟ ବିହନ ସଂଶୋଧନ ଓ ବିଶୋଧନ ଏକ ସମୟରେ ସମ୍ଭବ ହୋଇଥାଏ । ବିହନକୁ ବିଭିନ୍ନ ଅନିଷ୍ଟକାରୀ ରୋଗପୋକରୁ ରକ୍ଷା କରିବା ପାଇଁ ଏହାକୁ ବୀଜାମୃତ ଗୋଳାଇ ଛାଇରେ ଶୁଖାଇ ଦିଅନ୍ତୁ ।

## ତଳିଘରା ପ୍ରସ୍ତୁତି :-

ତଳିଘରାକୁ ଚାଷ ହେବାକୁ ଥିବା ମୁଖ୍ୟ ଜମି ନିକଟରେ ତିଆରି କରନ୍ତୁ । ତଳିଘରା ଉପରେ ବାଲି, ମାଟି ଓ କମ୍ପୋଷ୍ଟ ୧:୧:୧



ଅନୁପାତରେ ପ୍ରୟୋଗ କରି ବିଶୋଧିତ ବିହନ ତଳି ପକାନ୍ତୁ । ଗୋଟିଏ ଏକର ମାଣ୍ଡିଆ ଚାଷ ପାଇଁ ଶ୍ରୀ ପଦ୍ଧତିରେ ୪୦ ବର୍ଗ ମିଟର ତଳିଘରା ଆବଶ୍ୟକ । ଏକମିଟର ଓସାରର ୪ ରୁ ୬ ଇଞ୍ଚି ଉଚ୍ଚତାରେ ତଳିପଟାଳୀ ପ୍ରସ୍ତୁତ କରି ଏହାର ଚାରିଧାରରେ ବାଉଁଶ ଫାଳ ଦେଲେ, ତଳିଘରା ମାଟି ବର୍ଷାରେ ଧୋଇଯିବ ନାହିଁ । ତଳିଘରାରେ ୧-୨" ବ୍ୟବଧାନରେ ଧାଡ଼ିରେ ଅଳ୍ପ ଗଭୀରରେ ବିହନ ବୁଣନ୍ତୁ । ମଞ୍ଜି ବୁଣିବା ପରେ ୧୫ କିଲୋଗ୍ରାମ୍ ଜିଆଖତ କିମ୍ବା ଶୁଖିଲା କମ୍ପୋଷ୍ଟ୍ ଗୁଣ୍ଡକୁ ପତଳା ଭାବରେ ମଞ୍ଜି ଉପରେ ଘୋଡ଼ାଇ ଦିଅନ୍ତୁ । ନିୟମିତ ଭାବରେ ଜୀବାମୃତ ସିଞ୍ଚନ କରିବା ଦ୍ୱାରା ତଳିଘରାରେ ମାଟି ସଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇଥାଏ ।

## ମୁଖ୍ୟ ଜମି ପ୍ରସ୍ତୁତ :-

ତଳିଘରା ପ୍ରସ୍ତୁତି ସମୟରୁ ୨ ମିଟର ବ୍ୟବଧାନରେ ୩୦ ସେ.ମି / ୧ ଫୁଟ ଓସାରର ପାଣିନାଳ ତିଆରି କରନ୍ତୁ । ଜମି ପ୍ରସ୍ତୁତି ସମୟରେ ମାଟିରେ ଏକର ପ୍ରତି କମ୍ପୋଷ୍ଟ୍ କିମ୍ବା ସଢ଼ା ଗୁଣ୍ଡ ଗୋବର ଖତ ଏବଂ ୫୦ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ଦିଅନ୍ତୁ । ଜମିକୁ ୧୦-୨୦ ବର୍ଗମିଟର ଛୋଟ ଛୋଟ ପଟାଳୀରେ ବିଭକ୍ତ କରନ୍ତୁ । ଚାରା ରୋପଣର ଗୋଟିଏ ଦିନ ପୂର୍ବରୁ କାଦୁଅ କରିବା ଦ୍ୱାରା ମାର୍କର ଦ୍ୱାରା ତଳି ରୋପଣ ସ୍ଥାନ ଚିହ୍ନିତ କରନ୍ତୁ । ତାହା ୧୦ ଇଞ୍ଚ ବ୍ୟବଧାନରେ ହୋଇଥିବା ଆବଶ୍ୟକ ।



## ଚାରା ରୋପଣ :-

ଚାରା ରୋପଣର ୪ ରୁ ୫ ଦିନ ପୂର୍ବରୁ ତଳି ପଟ୍ଟାଳୀରେ ଫିବା କବକ ନାଶକ ମାନ୍‌କୋଜେବ୍ (୭୫ ପ୍ରତିଶତ ସେ.ଗୁ) ୧ ଲିଟର ପାଣି ପ୍ରତି ୨ ଗ୍ରାମ୍ ହିସାବରେ ସିଞ୍ଚନ କରାଯାଏ। ଚାରାଗୁଡ଼ିକୁ ଦୁଇପତ୍ର ଅବସ୍ଥାରେ ବା ୧୫-୨୦ ଦିନ ହୋଇଗଲେ ରୋପଣ କରାଯାଏ। ଗୋଟିଏ ଚାରାକୁ ମାଟି ଭିତରକୁ ଆସ୍ତେ କରି ଅଳ୍ପ ଗଭୀରରେ ରୋପଣ କରନ୍ତୁ। ତଳି ଉଠେଇବାର ୩୦ ମିନିଟ୍ ମଧ୍ୟରେ ଚାରାଗୁଡ଼ିକୁ ରୋପଣ କରାଯାଏ।

## ଘାସ ନିରାକରଣ :-



"ଶ୍ରୀ" ପଦ୍ଧତିରେ ଚାଷ କଲେ ଜମିରେ ଠିଆ ପାଣି ରହୁନଥିବାରୁ ଘାସ ଖୁବ୍ ଶୀଘ୍ର ବଢ଼ିଥାଏ। ତେଣୁ ଚାରା ରୋପଣରେ ୧୦-୧୫ ଦିନ ପରେ ୱିଡ଼ର ଦ୍ୱାରା ଏବଂ ୩୦ ଦିନ ପରେ ଦ୍ୱିତୀୟ ଘାସ ବଛା କରନ୍ତୁ। ପ୍ରତ୍ୟେକ ଘାସ ବଛା ପରେ ମାଟିରେ ୧ ଲିଟର ଜୀବାମୃତ ପ୍ରତି ୨୦ ଲିଟର ପାଣି ମିଶାଇ ସିଞ୍ଚନ କରନ୍ତୁ।

## ଖାଦ୍ୟସାର ପରିଚାଳନା :-

ରାସାୟନିକ ସାର ପରିବର୍ତ୍ତେ ଜୈବିକ ସାର ପ୍ରୟୋଗ କଲେ ମାଟି ସୁସ୍ଥ ରହିବା ସହିତ ଅମଳ ବଢ଼େ। ୨୦ ରୁ ୨୫ ଦିନ ହେଲେ ହଦରି ସାର ବା ଜୀବାମୃତ ଜୈବିକ ସାର ପ୍ରୟୋଗ କରିବେ। ପ୍ରତି ୨୦-୨୫ ଦିନ ଅନ୍ତରରେ ଦୁଇ ତିନିଥର ଏହି ସାର ପ୍ରୟୋଗ କଲେ ଅନ୍ୟ ସାରର ଆବଶ୍ୟକତା ନାହିଁ।

## ଜଳ ପରିଚାଳନା :-

ବର୍ଷାଦିନେ ଚାଷ ହେଉଥିବା ମାଣ୍ଡିଆ ଫସଲ ଜଳସେଚନ ଆବଶ୍ୟକ କରେନାହିଁ। କିନ୍ତୁ ଏହା ଠିଆ ପାଣି ସହିପାରେ ନାହିଁ। ତେଣୁ ବର୍ଷାଦିନେ ଜଳ ନିଷ୍କାସନ

କରିଦିଅନ୍ତୁ । ଆବଶ୍ୟକ ହେଲେ ଜଳସେଚନ କରି ମାଟିର ଆର୍ଦ୍ରତା ବଜାୟ ରଖନ୍ତୁ । ମାଣ୍ଡିଆର ମରୁଡ଼ି ସହଣୀ ବ୍ୟକ୍ତି ଅଧିକ ଏଣୁ ବର୍ଷାଦିନେ ଜଳସେଚନ ଆବଶ୍ୟକ ହୋଇନଥାଏ ।

## ଫସଲ ଅମଳ :-



"ଶ୍ରୀ" ପଦ୍ଧତିରେ ଚାଷ ହେଉଥିବା ମାଣ୍ଡିଆକୁ ଏକର ପ୍ରତି ୧୦ ରୁ ୧୫ କ୍ୟୁଣ୍ଟାଲ୍ ଶସ୍ୟ ଉତ୍ପାଦିତ ହୋଇଥାଏ । ମାଣ୍ଡିଆ ଫସଲ କିସମ ଅନୁଯାୟୀ ୮୫ ରୁ ୧୧୫ ଦିନ ମଧ୍ୟରେ ଅମଳଯୋଗ୍ୟ ହୋଇଯାଏ । ସଠିକ୍ ଭାବେ "ଶ୍ରୀ" ପଦ୍ଧତିରେ ଚାଷ କଲେ ସର୍ବାଧିକ ୧୮-୨୦ କ୍ୟୁଣ୍ଟାଲ୍ ଶସ୍ୟ ଉତ୍ପାଦିତ ହୋଇପାରିବ ।



## ଶସ୍ୟ ସାଇତା :-

ମାଣ୍ଡିଆକୁ କିଛିଦିନ ଗଦା କରି ରଖି କେଣ୍ଡା ଭାବେ ସାଇତି ରଖାଯାଇପାରେ । ଏଥିରୁ ଭଲ ବିହନ ମିଳେ ନାହିଁ । ଏହାକୁ ୨ ବର୍ଷ ପର୍ଯ୍ୟନ୍ତ ବିହନ ଆକାରରେ ସାଇତି ରଖିହେବ । ସାଇତା ଶସ୍ୟରେ ସାଧାରଣତଃ ପୋକ ଲାଗନ୍ତି ନାହିଁ । ମାଣ୍ଡିଆକୁ ଖରାରେ ଭଲଭାବେ ଶୁଖାଇ ହାଣ୍ଡି ବା ମାଠିଆରେ ମୁହଁ ବନ୍ଦ କରି ରଖିଲେ ବିହନ ସୁରକ୍ଷିତ ରହେ ।


**WORD**

**(Women Organisation for Rural Development)**

At- Khajuria, PO- Akul, Via-Sirigida, Dist- Keonjhar,
Odisha, India, PIN- 758076
Tel. No+91-6735-264041, Mbo. 9437251373
Email- wordkjr@rediffmail.com, Web site: www.wordindia.org.in